# NATIONAL NEWS BULLETIN (ODIA)

## 30 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ  ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୯୧ ଦଶମିକ ୬/୬ ପ୍ରତିଶତ ମତଦାତା ସାବ୍ୟସ୍ତ କଲେ ନିଜର ଗଣତାନ୍ତ୍ରିକ ମତାଧିକାର
- ଭାରତ ଓ ଇଟାଲୀ ପ୍ରତିରକ୍ଷା ସହଯୋଗ ନେଇ ଦୁଇଦେଶ ପ୍ରତିରକ୍ଷାମନ୍ତ୍ରୀଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀରେ ହେବ ଆଲୋଚନା
- ଆଜିଠାରୁ ଦୁଇଦିନିଆ ଲଦାଖ ଗସ୍ତରେ ଯିବେ ସ୍ୱରାଷ୍ଟ୍ରମନ୍ତ୍ରୀ
- ମଧ୍ୟପ୍ରଦେଶ ଓ କର୍ଣ୍ଣାଟକରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ୧୯ ମୃତ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ମୁମ୍ବାଇ ଇଣ୍ଡିଆନ୍ସକୁ ୬ ଓ୍ୱିକେଟ୍‌ରେ ପରାସ୍ତ କଲା ସନ୍‌ରାଇଜର୍ସ ହାଇଦ୍ରାବାଦ

## ଇସି-ଡବ୍ଲୁବି ଇଲେକ୍ସନ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ଗତକାଲି ଅନୁଷ୍ଠିତ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ପ୍ରକ୍ରିୟାରେ ସନ୍ଧ୍ୟା ୭ଟା ୪୫ ମିନିଟ୍ ସୁଦ୍ଧା ୯୧ ଦଶମିକ ୬/୬ ପ୍ରତିଶତ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିଛନ୍ତି । ସ୍ୱାଧୀନତା ପରଠାରୁ ରାଜ୍ୟ ନିର୍ବାଚନରେ ଏହା ସର୍ବାଧିକ ମତଦାନ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ଏ ସଂପର୍କରେ ଆୟୋଗଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି, ଗତ ୨୩ ତାରିଖ ଦିନ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୯୩ ଦଶମିକ ୧/୯ ପ୍ରତିଶତ ମତଦାନ ହୋଇଥିଲା । ରାଜ୍ୟରେ ମୋଟ୍ ଭୋଟର ସଂଖ୍ୟା ୬ କୋଟି ୮୧ ଲକ୍ଷ ହୋଇଥିବା ବେଳେ ଚଳିତ ନିର୍ବାଚନରେ ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କର ଯୋଗଦାନ ଅଧିକ ହୋଇଥିବା ନିର୍ବାଚନ ଆୟୋଗ କହିଛନ୍ତି । ମୋଟ ୯୧ ଦଶମିକ ୦/୭ ପ୍ରତିଶତ ପୁରୁଷ ଭୋଟର ଚଳିତ ନିର୍ବାଚନରେ ମତଦାନ କରିଥିବା ବେଳେ ମହିଳାଙ୍କ ପ୍ରତିଶତ ହାର ୯୨ ଦଶମିକ ୨/୮ ରହିଛି । ଚଳିତଥର ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ୯୨ ଦଶମିକ ୪/୭ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ପୂର୍ବରୁ ୨୦୧୧ ମସିହାରେ ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନରେ ସର୍ବାଧିକ ୮୪ ଦଶମିକ ୭/୨ ପ୍ରତିଶତ ମତଦାନ ହୋଇଥିଲା । ୨୦୧୩ରେ ବିଧାନସଭା ନିର୍ବାଚନରେ ତ୍ରିପୁରାରେ

ସର୍ବାଧିକ ରେକର୍ଡ ପରିମାଣର ୯୩ ଦଶମିକ ୬/୧ ପ୍ରତିଶତ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିଥିବା ନିର୍ବାଚନ ଅୟୋଗ କହିଛନ୍ତି ।

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ସମେତ ନିର୍ବାଚନ ଆୟୋଗ ଡକ୍ଟର ଏସ୍.ଏସ୍. ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ପଶ୍ଚିମବଙ୍ଗରେ ଯେଭଳି ଶତପ୍ରତିଶତ ମୁକ୍ତ, ଅବାଧ ତଥା ନିରପେକ୍ଷ ମତଦାନ ସୁନିଶ୍ଚିତ ହୋଇପାରିବ, ସେଥିଲାଗି ପ୍ରତ୍ୟକ୍ଷ ୱେବ୍‌କାଷ୍ଟିଂ ମାଧ୍ୟମରେ ସଂପୂର୍ଣ୍ଣ ପ୍ରକ୍ରିୟାକୁ ନିରୀକ୍ଷଣ କରୁଥିଲେ ।

ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ୧୪୨ଟି ବିଧାନସଭା ଆସନ ଲାଗି ୩ କୋଟି ୨୨ ଲକ୍ଷରୁ ଅଧିକ ଭୋଟର ମତଦାନ କରିଛନ୍ତି । ଏହି ମତଦାତାମାନେ ୧ ହଜାର ୪୪୮ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି । ମତଦାତାଙ୍କ ମଧ୍ୟରେ ୧୮ରୁ ୧୯ ବର୍ଷ ବୟସର ୪ଲକ୍ଷ ୧୨ ହଜାରରୁ ଅଧିକ ପ୍ରଥମଥର ଗତକାଲି ମତଦାନ କରିଛନ୍ତି ବୋଲି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ଆସନ୍ତାମାସ ୪ ତାରିଖ ଦିନ ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଆସାମ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ସେହିପରି କର୍ଣ୍ଣାଟକ, ନାଗାଲ୍ୟାଣ୍ଡ, ତ୍ରିପୁରା, ମହାରାଷ୍ଟ୍ର ଓ ଗୁଜରାଟରେ ଅନୁଷ୍ଠିତ ବିଭିନ୍ନ ବିଧାନସଭା ଉପନିର୍ବାଚନର ଫଳାଫଳ ମଧ୍ୟ ସେହିଦିନ ପ୍ରକାଶ ପାଇବ ବୋଲି ଆୟୋଗ କହିଛନ୍ତି ।

## ରାଜନାଥ-କ୍ରୋସେଟୋ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ଇଟାଲୀ ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋଙ୍କ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଏହି ବୈଠକରେ ଉଭୟ ନେତା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଉଭୟ ନେତା ସାମ୍ପ୍ରତିକ ସୁରକ୍ଷା ଦୃଷ୍ଟିକୋଣରୁ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ୨୦୨୩ ମସିହା ଅକ୍ଟୋବରରେ ପ୍ରତିରକ୍ଷା ମନ୍ତ୍ରୀ ରୋମ୍ ଗସ୍ତ କରିବା ପରେ ଭାରତ ଏବଂ ଇଟାଲୀ ମଧ୍ୟରେ ପ୍ରତିରକ୍ଷା ସହଯୋଗ ତ୍ୱରାନ୍ୱିତ ହୋଇଛି । ଏହା ହେଉଛି ଇଟାଲୀର ପ୍ରତିରକ୍ଷା ମନ୍ତ୍ରୀଙ୍କ ଭାରତକୁ ତୃତୀୟଥର ଗସ୍ତ । ୨୦୨୬ ମସିହା ଜାନୁଆରୀରେ ଭାରତ ୟୁନାଇଟେଡ୍ ଏମିରେଟ୍ସ ପ୍ରତିରକ୍ଷା ଏବଂ ରଣନୈତିକ ଭାଗିଦାରିତା ନେଇ ହୋଇଥିବା ରାଜିନାମା ଯୋଗୁଁ ପ୍ରତିରକ୍ଷା ଶିଳ୍ପ ସହଯୋଗ କ୍ଷେତ୍ରରେ ଅଧିକ ଉନ୍ନତି ପରିଲକ୍ଷିତ ହୋଇଛି ।

## ଜୟଶଙ୍କର-ଇରାନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ସହିତ ତାଙ୍କ ଇରାନ ପ୍ରତିପକ୍ଷ ସହିଦ ଆବାସ ଆରାଗଚି ଗତ ସନ୍ଧ୍ୟାରେ ଟେଲିଫୋନ୍ ଯୋଗେ ପଶ୍ଚିମ ଏସିଆର ସାଂପ୍ରତିକ ସ୍ଥିତି ସଂପର୍କରେ ଆଲୋଚନା

କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଏହି ସୂଚନା ଦେଇ କହିଛନ୍ତି, ପଶ୍ଚିମ ଏସିଆ ସ୍ଥିତିକୁ ନେଇ ଆପୋଷ ସ୍ୱାର୍ଥ ଜଡ଼ିତ ତଥା ଆଞ୍ଚଳିକ ଏବଂ ବୈଶ୍ୱିକ ପରିସ୍ଥିତି ଉପରେ ଏହି ଦୁଇ ନେତା ବିସ୍ତୃତ ଆଲୋଚନା କରିଛନ୍ତି । ଏହି ପ୍ରସଙ୍ଗରେ ଉଭୟ ଭବିଷ୍ୟତରେ ନିରନ୍ତର ଯୋଗାଯୋଗରେ ରହିବା ନେଇ ସମ୍ମତି ପ୍ରକାଶ କରିଥିବା ସଂପର୍କରେ ଡକ୍ଟର ଜୟଶଙ୍କର ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

# ଶାହା ଲଦାଖ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜିଠାରୁ ୨ ଦିନିଆ ଲଦାଖ ଗସ୍ତରେ ଯିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ଶ୍ରୀ ଶାହା କହିଛନ୍ତି, ଏହି ଗସ୍ତ ଅବସରରେ ସେ ଆସନ୍ତାକାଲି ବୁଦ୍ଧପୂର୍ଣ୍ଣିମା ଅବସରରେ ପ୍ରଥମଥର ଲାଗି ଅନୁଷ୍ଠିତ ହେବାକୁ ଥିବା ଭଗବାନ ବୁଦ୍ଧଙ୍କର ପବିତ୍ର ଦେହାବଶେଷ  ସର୍ବସାଧାରଣ ଦର୍ଶନ ସମାରୋହରେ ଅଂଶ ଗ୍ରହଣ କରିବେ । ବିଶ୍ୱର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଏଥିଲାଗି ସେଠାରେ ପହଞ୍ଚୁଛନ୍ତି ବୋଲି ଶ୍ରୀ ଶାହା ସୂଚନା ଦେଇଛନ୍ତି ।

# ବୈଷ୍ଣବ-ବନ୍ଦେ ଭାରତ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଜାମ୍ମୁ ତାୱି ରେଳ ଷ୍ଟେସନ୍‌ର ସମ୍ପ୍ରସାରିତ ଶ୍ରୀନଗର-କାଟ୍ରା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସେବାର ଶୁଭାରମ୍ଭ କରିବେ । ଶ୍ରୀ ବୈଷ୍ଣବ ମଧ୍ୟ ଉଦମପୁର-ଶ୍ରୀନଗର-ବାରମୁଲ୍ଲା

ରେଲଲିଙ୍କ୍ ଅନ୍‌ଜି ସେତୁ ଏବଂ ଚେନାବ୍ ସେତୁ କାର୍ଯ୍ୟର ତଦାରଖ କରିବେ । ଶ୍ରୀନଗରରୁ ଶ୍ରୀ ମାତା ବୈଷ୍ଣବ ଦେବୀ କାଟ୍ରା ପର୍ଯ୍ୟନ୍ତ ପୂର୍ବରୁ ଜାତାୟତ କରୁଥିବା ଟ୍ରେନ୍ ସମ୍ପ୍ରତି ଜାମ୍ମୁ ତାୱି‌କୁ  ସଂଯୋଗ କରିବ । ଆସନ୍ତା ମାସରୁ ଜାମ୍ମୁ ତାୱି-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ନିୟମିତ ଯାତ୍ରା କରିବ ।

ଜାମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ଦୈନିକ ରେଳସେବା ଆସନ୍ତା ଶନିବାରଠାରୁ ଆରମ୍ଭ ହେବ । ଏହି ଟ୍ରେନ୍  ମଙ୍ଗଳବାର ବ୍ୟତୀତ ସପ୍ତାହକୁ ଛଅଦିନ ଚଳାଚଳ କରିବ । ଟ୍ରେନ୍‌ଟି ପ୍ରଥମେ ଜାମ୍ମୁ ତାୱି ଷ୍ଟେସନରୁ ସକାଳ ୬ଟା ୨୦ରୁ ବାହାରି ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା, ରିଆସି ଏବଂ ବନିହାଲ୍ ଷ୍ଟେସନରେ ରହଣୀ କରିବ । ଟ୍ରେନ୍‌ଟି ଶ୍ରୀନଗରଠାରେ ପୂର୍ବାହ୍ନ ୧୧ଟା ୧୦ ମିନିଟ୍‌ରେ ପହଞ୍ଚିବ ।  ଅପରାହ୍ନ ୨ଟାରୁ ଟ୍ରେନ୍‌ଟି ଶ୍ରୀନଗରରୁ ବାହାରି ଜାମ୍ମୁ ତାୱିଠାରେ ଅପରାହ୍ନ ୬ଟା ୫୦ ମିନିଟ୍‌ରେ ପହଞ୍ଚିବ ।

## ବିଧାନସଭା ସ୍ୱତନ୍ତ୍ର ଅଧିବେଶନ

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆଜି  ଅନୁଷ୍ଠିତ ହେବ। ଏହି ଦିନିକିଆ ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ଓ ଶାସନ ବ୍ୟବସ୍ଥାରେ ସେମାନଙ୍କ ଭୂମିକା ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଡାକ୍ତର

ମୁକେଶ ମହାଲିଙ୍ଗ ରାଜ୍ୟପାଳ ଡାକ୍ତର ହରି ବାବୁ କମ୍ଭମପାଟିଙ୍କୁ ଭେଟି ଆଜିର ସ୍ୱତନ୍ତ୍ର ଅଧିବେଶନ ସମ୍ପର୍କରେ ଅବଗତ କରାଇଛନ୍ତି ।

## ଏମ୍‌ପି ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶର ଧର୍ ଜିଲ୍ଲାରେ ଗତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ୧୨ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଅନ୍ୟ ୨୦ ଜଣ ଶ୍ରମିକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୩୫ ଜଣ ଶ୍ରମିକଙ୍କୁ ବଗଡ଼ରୁ ଧର୍ ଜିଲ୍ଲାକୁ ସଂପୃକ୍ତ ଭ୍ୟାନ୍‌ଟି ନେଇ ଆସୁଥିବା ସମୟରେ ଚିକ୍‌ଲିଆ ଛକରେ ନିୟନ୍ତ୍ରଣ ହରାଇ ଓଲଟି ପଡ଼ି ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ କାର୍ ସହିତ ଧକ୍କା ହୋଇଥିଲା । ଫଳରେ ୧୨ ଜଣ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଦୁର୍ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣାରେ ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା

କରିଛନ୍ତି । ଏତଦ୍‌ବ୍ୟତୀତ ଆହତମାନଙ୍କ ଚିକିତ୍ସା ଲାଗି ୫୦ ହଜାର ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି ।

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ବର୍ଗ ଲାଗି ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏହାଛଡ଼ା ଗୁରୁତର ଆହତମାନଙ୍କୁ ୧ଲକ୍ଷ ଟଙ୍କା ଏବଂ ଅନ୍ୟ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଦେବା ଲାଗି ଶ୍ରୀ ଯାଦବ ଘୋଷଣା କରିଛନ୍ତି । ଆହତମାନଙ୍କୁ ଯେଭଳି ମାଗଣାରେ ଉପଯୁକ୍ତ ଚିକିତ୍ସା କରାଯାଇ ପାରିବ, ତାହା ତଦାରଖ କରିବା ଲାଗି ମୁଖ୍ୟମନ୍ତ୍ରୀ ଇନ୍ଦୋର୍‌ର ଡିଭିଜନାଲ କମିଶନର ଏବଂ ପୋଲିସ୍ ଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## କର୍ଣ୍ଣାଟକ ୱାଲ୍ କୋଲାପ୍ସ

ବେଙ୍ଗାଲୁରୁର ବାଉରିଙ୍ଗ ନିକଟରେ ଏକ କାନ୍ଥ ଭୁଶୁଡ଼ି ପଡ଼ିବା ଯୋଗୁଁ ୩ ଶିଶୁଙ୍କ ସମେତ ମୋଟ୍ ୭ଜଣଙ୍କର ମୃତ୍ୟୁ ହୋଇଛି । ଗତକାଲି ସହରରେ ପ୍ରବଳ ଝଡ଼ବର୍ଷା ହେବା ସମୟରେ ଏହି ବ୍ୟକ୍ତିମାନେ ଏକ କାନ୍ଥ ନିକଟରେ ଆଶ୍ରୟ ନେଇଥିଲେ । ମାତ୍ର ଝଡ଼ବର୍ଷା ଯୋଗୁଁ କାନ୍ଥଟି ଭୁଶୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଛି । ଖବର ପାଇ ପୋଲିସ୍ ଓ ଜରୁରୀକାଳୀନ ସେବା ଘଟଣାସ୍ଥଳରେ ପହଞ୍ଚିବା ପରେ ଆହତମାନଙ୍କୁ

ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିବା ସହିତ ମୃତକମାନଙ୍କ ଶରୀରକୁ ସେଠାରୁ ଉଦ୍ଧାର କରିଥିଲେ ।

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ନିଜ ଶୋକବାର୍ତ୍ତାରେ ମୃତକଙ୍କ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

## ଗୋୟଲ-ଏକ୍ସପୋର୍ଟ ଟାର୍ଗେଟ୍

୨୦୩୦-୩୧ ଆର୍ଥିକ ବର୍ଷ ସୁଦ୍ଧା ଭାରତ ମୋଟ୍ ୨ ଟ୍ରିଲିୟନ୍ ଆମେରିକୀୟ ଡଲାର ପରିମାଣର ରପ୍ତାନୀ କରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଛି । ଗତକାଲି ନୂଆଦିଲ୍ଲୀଠାରେ ଏ ସଂପର୍କିତ କାର୍ଯ୍ୟଖସଡ଼ା ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ୍ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ସମୟ ମଧ୍ୟରେ ସାମଗ୍ରୀ ଏବଂ ସେବା ରପ୍ତାନୀ ୧ ଟ୍ରିଲିୟନ୍ ଆମେରିକୀୟ ଡଲାର ଲେଖାଏଁ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ଶ୍ରୀ ଗୋୟଲ୍ ରପ୍ତାନୀ ପ୍ରୋତ୍ସାହନ ମିଶନର କାର୍ଯ୍ୟକାରିତା ସଂପର୍କରେ ମଧ୍ୟ ସମୀକ୍ଷା କରିଛନ୍ତି ।

ବିଶେଷକରି କୃଷି ସାମଗ୍ରୀ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଉତ୍ପାଦ ରପ୍ତାନୀ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଲାଗି କେନ୍ଦ୍ରମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍‌ର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ମୁମ୍ବାଇ ଇଣ୍ଡିଆନ୍ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୨୪୩ ରନ୍ କରିଥିଲା । ଦଳ ପକ୍ଷରୁ ରିଆନ୍ ରିକେଲ୍‌ଟନ୍ ୫୫ଟି ବଲ୍‌ରୁ ସର୍ବାଧିକ ୧୨୩ ରନ୍ କରି ଅପରାଜିତ ରହିଥିଲେ ।

୨୪୪ ରନ୍ ର ବିଜୟଲକ୍ଷ୍ୟ ପିଛା କରି ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮ ଓଭର୍ ଓ ୨ଟି ବଲ୍‌ରେ ୪ ୱିକେଟ୍ ହରାଇ ୨୪୯ ରନ୍ କରିଥିଲା । ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ୩୦ ବଲ୍‌ରୁ ସର୍ବାଧିକ ୭୬ ରନ୍ କରିଥିଲେ ।

ଆଜି ଆଇପିଏଲ୍‌ର ଏହି ସଂସ୍କରଣରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ ।